## ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪କୁ
## ମୁକ୍ତ, ଅବାଧ, ସ୍ୱଚ୍ଛ ଓ ନିରପେକ୍ଷ କରିବା ପାଇଁ
## ଅନିୟମିତ ଅର୍ଥ/ସାମଗ୍ରୀ ଚାଲାଣ ଉପରେ କଡ଼ା ଆଭିମୁଖ୍ୟ

### ବିଭିନ୍ନ ପ୍ରବର୍ତ୍ତନ ସଂସ୍ଥାଙ୍କ ସମନ୍ୱୟରେ ଅନିୟମିତ ଅର୍ଥ/ସାମଗ୍ରୀ ଚାଲାଣ ଉପରେ ଚଢ଼ାଉ ଜାରି ରହିଛି

-ମୁଖ୍ୟ ନିର୍ବାଚନ ଅଧିକାରୀ

- ଶୂନ୍ୟ ସହନଶୀଳତା ଉପରେ ଗୁରୁତ୍ୱ
- ମାର୍ଚ୍ଚରୁ ଅପ୍ରେଲ ମଧ୍ୟରେ ୧୬୫୭୧.୮୮ ଲକ୍ଷ ଟଙ୍କାର ଅର୍ଥ/ସାମଗ୍ରୀ ଜବତ

ଭୁବନେଶ୍ୱର,୦୧/୦୫/୨୦୨୪:

ରାଜ୍ୟରେ ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪କୁ ମୁକ୍ତ, ଅବାଧ, ସ୍ୱଚ୍ଛ ଓ ନିରପେକ୍ଷ କରିବା ପାଇଁ ଅନିୟମିତ ଅର୍ଥ/ସାମଗ୍ରୀ ଚାଲାଣ ଉପରେ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଛି ଏବଂ ଏହାର ଶୂନ୍ୟ ସହନଶୀଳତା ନୀତି ଗ୍ରହଣ କରିବାକୁ ସଂପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ନିକୁଞ୍ଜ ବିହାରୀ ଧଳ ପ୍ରକାଶ କରିଛନ୍ତି । ଚଳିତ ସାଧାରଣ ନିର୍ବାଚନ ପରିପ୍ରେକ୍ଷରେ ବିଭିନ୍ନ ପ୍ରବର୍ତ୍ତନ ସଂସ୍ଥାଙ୍କ ସମନ୍ୱୟରେ ଅନିୟମିତ ଅର୍ଥ/ସାମଗ୍ରୀ ଚଢ଼ାଉରୁ ଗତ ମାର୍ଚ୍ଚ ୧ରୁ ଅପ୍ରେଲ ୩୦ ତାରିଖ ମଧ୍ୟରେ ମୋଟ ୧୬୫୭୧.୮୮ ଲକ୍ଷ ଟଙ୍କାର ଅର୍ଥ/ସାମଗ୍ରୀ ଜବତ କରାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଧଳ କହିଛନ୍ତି ।

ଅନିୟମିତ ଅର୍ଥ/ସାମଗ୍ରୀ ଚାଲାଣ ଉପରେ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ତୀକ୍ଷ୍ଣ ନଜର ରଖାଯାଇ ଚଢ଼ାଉକୁ ତ୍ୱରାନ୍ୱିତ କରାଯାଇଛି । ଓଡ଼ିଶା ପୋଲିସ, ଆୟକର ବିଭାଗ, ଅବକାରୀ ବିଭାଗ, ରାଜ୍ୟ ଜି.ଏସ୍.ଟି., କେନ୍ଦ୍ର ଜି.ଏସ୍.ଟି., ଡାଇରେକ୍ଟୋରେଟ୍ ଅଫ୍ ରେଭିନ୍ୟୁ ଇଣ୍ଟେଲିଜେନ୍ସ, ଡାଇରେକ୍ଟୋରେଟ୍ ଅଫ୍ ଏନ୍‌ଫୋର୍ସମେଣ୍ଟ, ନାର୍‌କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ, ବର୍ଡର ସିକ୍ୟୁରିଟି ଫୋର୍ସ, ସଶସ୍ତ୍ର ସୀମା ବଳ, ଇଣ୍ଡୋ ତିବତାନ୍ ବର୍ଡର ଫୋର୍ସ, ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ, ଆସାମ ରାଇଫଲ୍ସ, ଇଣ୍ଡିଆନ୍ କୋଷ୍ଟ ଗାର୍ଡ, ରେଲ୍‌ୱେ ପ୍ରୋଟେକ୍ସନ୍ ଫୋର୍ସ, ଡାକ ବିଭାଗ, ଜଙ୍ଗଲ ବିଭାଗ, ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ, ଷ୍ଟେଟ୍ ସିଭିଲ୍ ଆଭିଏସନ୍ ଡିପାର୍ଟମେଣ୍ଟ, ବ୍ୟୁରୋ ଅଫ୍ ସିଭିଲ୍ ଆଭିଏସନ୍ ସୁକ୍ୟୁରିଟି, ରାଜ୍ୟ ପରିବହନ ବିଭାଗ, ଫ୍ଲାଇଂ ସ୍କାଡ୍, ଷ୍ଟାଟିକ୍ ସର୍ଭେଲାନ୍ସ ଟିମ୍, କଷ୍ଟମ୍ ଡିପାର୍ଟମେଣ୍ଟ ଦ୍ୱାରା ଅନିୟମିତ ଅର୍ଥ/ସାମଗ୍ରୀ ଚାଲାଣବେଳେ ଚଢ଼ାଉ କରାଯାଇ ମୋଟ ୧୬୫୭୧.୮୮ ଲକ୍ଷ ଟଙ୍କାର ଅର୍ଥ/ସାମଗ୍ରୀ ଜବତ କରାଯାଇଛି ।

ସୂଚନାଯୋଗ୍ୟ ଯେ ଜବତ ହୋଇଥିବା ଅର୍ଥ/ସାମଗ୍ରୀ ମଧ୍ୟରେ ୪୮୭.୬୫ ଲକ୍ଷ ଟଙ୍କାର ନଗଦ ଟଙ୍କା, ୨୪୭୧.୬୮ ଲକ୍ଷ ଟଙ୍କାର ମାଦକ ଦ୍ରବ୍ୟ, ୬୪୦୮.୨୨ ଲକ୍ଷ ଟଙ୍କାର ଡ୍ରଗ୍ସ, ୯୪୩.୫୦ ଲକ୍ଷ ଟଙ୍କାର ମୂଲ୍ୟବାନ ଧାତୁ, ୨୬.୩୫ ଲକ୍ଷ ଟଙ୍କାର ଲୋଭନୀୟ ଉପହାର ଏବଂ ୬୨୩୪.୪୭ ଲକ୍ଷ ଟଙ୍କାର ଅନ୍ୟାନ୍ୟ ସାମଗ୍ରୀ ଏହିପରି ମୋଟ ୧୬,୫୭୧.୮୮ ଲକ୍ଷ ଟଙ୍କାର ଅର୍ଥ/ସାମଗ୍ରୀ ଜବତ କରାଯାଇଛି ।

ସଂଜୀବ ବାରିକ
ଲୋକସମ୍ପର୍କ ଅଧିକାରୀ